## ଭାରତ ସରକାରଙ୍କ ଡାକ ବିଭାଗର ଅଧିକାରୀଗଣ ସହକାରୀ କେନ୍ଦ୍ରୀୟ ଜନସୂଚନା ଅଧିକାରୀ ରୂପେ କାର୍ଯ୍ୟ କରିବା ସମ୍ବନ୍ଧରେ ଘୋଷଣାନାମା –

କେନ୍ଦ୍ର ସରକାରଙ୍କ କର୍ମୀ ଓ ପ୍ରଶିକ୍ଷଣ ବିଭାଗର ବିଜ୍ଞପ୍ତି ସଂଖ୍ୟା **No. 34012/13(S)/2005-Estt. (B)** ତାରିଖ ୬ ଅକ୍ଟୋବର ୨୦୦୫ ଅନୁଯାୟୀ ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ଡାକଘର ଗୁଡିକରେ ସୂଚନା ଅଧିକାର ଆଇନ୍ ୨୦୦୫ ଅଧୀନରେ ନୁଯୁକ୍ତ ହୋଇଥିବା ସହକାରୀ କେନ୍ଦ୍ରୀୟ ଜନସୂଚନା ଅଧିକାରୀମାନେ କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ସମସ୍ତ ଜନ କର୍ତ୍ତୃପକ୍ଷଙ୍କ ପାଇଁ ସହକାରୀ କେନ୍ଦ୍ରୀୟ ଜନସୂଚନା ଅଧିକାରୀ ରୂପେ କାର୍ଯ୍ୟ କରିବେ । ଏହାଛଡା ଭାରତର ଡାକ ବିଭାଗର ନିଜସ୍ୱ ଘୋଷଣା ଅନୁଯାୟୀ, ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ କ୍ରମେ ସେହି ବିଭାଗର ସହକାରୀ କେନ୍ଦ୍ରୀୟ ଜନସୂଚନା ଅଧିକାରୀମାନେ ଭାରତ ସରକାରଙ୍କ ସମସ୍ତ ମନ୍ତ୍ରଣାଳୟ, ବିଭାଗ, ସର୍ବସାଧାରଣ କ୍ଷେତ୍ରର ଉଦ୍ୟୋଗ ତଥା ସ୍ୱୟଂଚାଳିତ ସଂସ୍ଥାମାନଙ୍କ ପାଇଁ ସହକାରୀ କେନ୍ଦ୍ରୀୟ ଜନସୂଚନା ଅଧିକାରୀ ରୂପେ କାର୍ଯ୍ୟକରିବେ, ଦ୍ରଷ୍ଟବ୍ୟ- **http://www.indiapost.gov.in/rtimanual18.html** । ଅର୍ଥାତ୍, ଜଣେ ବ୍ୟକ୍ତି କୌଣସି କେନ୍ଦ୍ରୀୟ ଜନ କର୍ତ୍ତୃପକ୍ଷଙ୍କ ଦପ୍ତରକୁ ଉକ୍ତ ଆଇନ୍ ଅଧୀନରେ ସୂଚନା ପାଇଁ ଦରଖାସ୍ତ କରିବାକୁ ଚାହୁଁଥିଲେ ସେ ଏଥି ଉଦ୍ଦେଶ୍ୟରେ ଘୋଷିତ ହୋଇଥିବା କୌଣସି ଏକ ଡାକଘରକୁ ଯାଇ ତହିଁର ସହକାରୀ ଜନସୂଚନା ଅଧିକାରୀଙ୍କ ନିକଟରେ ଦରଖାସ୍ତ ଫିସ୍ ଜମା ଦେଲେ, ଉକ୍ତ ଅଧିକାରୀ ସେହି ଦରଖାସ୍ତକୁ ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କ ଦପ୍ତରକୁ ପଠାଇବେ, ଏବଂ ସେହି ଅଧିକାରୀ ପୁଣି ନିର୍ଦ୍ଧାରିତ ସମୟସୀମା ଭିତରେ ଉକ୍ତ ଦପ୍ତରରୁ ଆସିଥିବା ଉତ୍ତରକୁ ଦରଖାସ୍ତକାରୀଙ୍କ ନିକଟକୁ ପଠାଇବେ । ଏ ବାବଦରେ ଦରଖାସ୍ତକାରୀଙ୍କୁ କୌଣସି ଫର୍ମ ପୂରଣ କିମ୍ବା ଡାକଖର୍ଚ୍ଚ ଦାଖଲ କରିବାକୁ ପଡିବନି ।

***(Compiled by Chitta Behera, 4A Jubilee Tower, Choudhury Bazar, Cuttack-9, Mobile: 9437577546, December 2008)***